

## ପାଠ -୧୪

# ଐକିକ ଧାରା

ଦଶହରା ଛୁଟି, ଗାଁରେ ଗୁଡ଼ି ଉଡ଼ା ପ୍ରତିଯୋଗିତା ହେବ । ପିଲାମାନଙ୍କର ମନଖୁସି । ଗୁଡ଼ି ଉଡ଼ା ପ୍ରତିଯୋଗିତା ପାଇଁ ସଭିଏଁ ରଙ୍ଗ ରଙ୍ଗିଆ ଗୁଡ଼ି ତିଆରି କରିବାରେ ବ୍ୟସ୍ତ । କେତେକ ପାଖ ଦୋକାନରୁ ଗୁଡ଼ି କିଣିବା ପାଇଁ ଯାଉଥାନ୍ତି । ଦୋକାନରେ କେତେ କେତେ ପ୍ରକାରର ଗୁଡ଼ି ବିକ୍ରି ହୋଇଥାଏ । ଗୁଡ଼ି କିଣିବା ପାଇଁ ଦୋକାନକୁ ଗଲେ ବର୍ଷା ଓ ଇଶା । ଦୋକାନକୁ ଯାଇ ଗୁଡ଼ି ବାଛିଲେ । ବର୍ଷା କହିଲା ''ଠେକୁଆ ଚିତ୍ରଥିବା ୩ଟି ଗୁଡ଼ି ମୁଁ କିଣିଛି ।''






ଆସ ଦେଖିବା, ବର୍ଷା କିପରି ହିସାବ କଲା –

୬ଟି ଗୁଡ଼ିର ଦାମ୍ = ୩୦ ଟଙ୍କା

ଗୋଟିଏ ଗୁଡ଼ିର ଦାମ୍ = ୩୦ ÷ ୬ = ୫ ଟଙ୍କା

ତିନୋଟି ଗୁଡ଼ିର ଦାମ = ୫ ଟଙ୍କା × ୩ = ୧୫ ଟଙ୍କା

ଲକ୍ଷ୍ୟ କର :

୬ଟି ବାଘ ଗୁଡ଼ିର ଦାମ୍ ଜଣାଅଛି । ଦୁଇଟି ଗୁଡ଼ିର ଦାମ ଜାଣିବା ପାଇଁ କ'ଣ କରାଯାଇଛି ଦେଖ ।



୪୨ ଟଙ୍କା



୪୨ ÷ ୬ = ୭ ଟଙ୍କା



୭ ଟଙ୍କା × ୨ = ୧୪ ଟଙ୍କା

ଇଶା ଦୋକାନୀକୁ କେତେ ଟଙ୍କା ଦେବ ହିସାବ କରିବା ପାଇଁ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ବାଘ ଚିତ୍ର ଥିବା ୬ଟି ଗୁଡ଼ିର ଦାମ କେତେ ? ________

(ଖ) ଗୋଟିଏ ଗୁଡ଼ିର ଦାମ ଜାଣିବା ପାଇଁ ୬ଟି ଗୁଡ଼ିର ଦାମକୁ କେତେ ସମାନ ଭାଗ କରିବା ? ________

(ଗ) ଏଠାରେ ଆମେ ଗୋଟିଏ ଗୁଡ଼ିର ଦାମ କିପରି ଜାଣିଲେ ? ________

(ଘ) ଇଶା କେତୋଟିଗୁଡି କିଣିଲା ? ________

(ଙ) ଗୋଟିଏ ଗୁଡ଼ିର ଦାମରୁ ୨ଟି ଗୁଡ଼ିର ଦାମ ଜାଣିବା ଲାଗି କ'ଣ କରିବା ? ________

(ଚ) ୨ଟି ଗୁଡ଼ିର ଦାମ୍ କେତେ ? ________

ଏହାକୁ କିପରି ଲେଖାଯାଏ ଲକ୍ଷ୍ୟ କର –

୬ଟି ଗୁଡ଼ିର ଦାମ୍ = ୪୨ ଟଙ୍କା

ଗୋଟିଏ ଗୁଡ଼ିର ଦାମ = ୪୨ ଟଙ୍କା ÷ ୬ = ୭ ଟଙ୍କା

୨ଟି ଗୁଡ଼ିର ଦାମ = ୭ ଟଙ୍କା × ୨ = ୧୪ ଟଙ୍କା

∴ ୨ଟି ଗୁଡ଼ି କିଣିବା ପାଇଁ ବିକୁ ଦୋକାନୀକୁ ୧୪ ଟଙ୍କା ଦେବ ।

ଏହି କ୍ଷେତ୍ରରେ ଲକ୍ଷ୍ୟ କର –

ପ୍ରଥମେ ୬ଟି ଜିନିଷର ଦାମ୍‌ରୁ ଗୋଟିଏ ଜିନିଷର ଦାମ୍ ନିର୍ଣ୍ଣୟ କରାଗଲା । ତା'ପରେ ଗୋଟିଏ ଜିନିଷର ଦାମ୍‌ରୁ ୨ଟି ଜିନିଷର ଦାମ୍ ନିର୍ଣ୍ଣୟ କରାଗଲା ।

ଭାବି କହ ଓ ଲେଖ :

ଛଅଟି ଜିନିଷର ଦାମ୍‌ରୁ ଗୋଟିଏ ଜିନିଷର ଦାମ୍ ଅଧିକ ହେବ ନା କମ୍ ହେବ ? ________

ଗୋଟିଏ ଜିନିଷର ଦାମରୁ ୨ଟି ଜିନିଷର ଦାମ୍ ଅଧିକ ହେବ ନା କମ୍ ହେବ ? ________

ବର୍ଷା ଓ ଇଶା ଗୁଡ଼ି ପ୍ରତିଯୋଗିତାରେ ଭାଗ ନେଲେ । ବର୍ଷାର ଗୁଡ଼ି ଅନ୍ୟମାନଙ୍କର ଗୁଡ଼ି ଅପେକ୍ଷା ଅଧିକ ଉଚ୍ଚକୁ ଗଲା । ସେ ପ୍ରତିଯୋଗିତାରେ ଜିତି ପୁରସ୍କାର ପାଇଲା । ଦୁହେଁ ଗୁଡ଼ି ତିଆରି କରିବାକୁ ମନକଲେ । ଗୁଡ଼ି ପାଇଁ ଆବଶ୍ୟକ ଜିନିଷର ତାଲିକା କଲେ ।

| ଜିନିଷର ନାମ | ପରିମାଣ |
|---|---|
| ରଙ୍ଗୀନ କାଗଜ | ୪ ଖଣ୍ଡ |
| ଅଠା | ୮ଟି |
| ନଟେଇ | ୨ ଟା |
| ସୂତା | ୫ ବିଡ଼ା |

ଦୁହେଁ ଦୋକାନକୁ ଗଲେ । ଦୋକାନୀକୁ ଜିନିଷର ତାଲିକାଟିକୁ ଦେଲେ । ଦୋକାନୀ ତାଙ୍କ ପାଖରେ ଥିବା ଦାମ୍ ତାଲିକାକୁ ଦେଖିଲେ ।

| ଦାମ୍ ତାଲିକା | | |
|---|---|---|
| ରଂଗୀନ କାଗଜ | ୧୨ ଖଣ୍ଡର ଦାମ୍ | = ୧୯୨ ଟଙ୍କା |
| ବାଉଁଶ କାଠି | ୧୦ଟିର ଦାମ୍ | = ୪୦ ଟଙ୍କା |
| ଅଠା | ୧୨ ଡବାର ଦାମ୍ | = ୧୪୪ ଟଙ୍କା |
| ନଟେଇ | ୬ଟିର ଦାମ୍ | = ୨୧୦ ଟଙ୍କା |
| ୧୦ ବିଡ଼ାଥିବା ସୂତା ପ୍ୟାକେଟ୍‌ର ଦାମ୍ | | = ୨୬୦ ଟଙ୍କା |

ବର୍ଷା ଓ ଇଶା ତିଆରି କରିଥିବା ଚିଠି ଅନୁଯାୟୀ ଦୋକାନୀ ସେମାନଙ୍କୁ ଜିନିଷ ଦେଲା । ସେମାନେ ଦୋକାନୀକୁ କେତେ ଟଙ୍କା ଟଙ୍କା ଦେବେ ? ଆସ, ହିସାବ କରିବା ।

**(କ) ରଂଗୀନ କାଗଜ ପାଇଁ କେତେ ଟଙ୍କା ଦେବେ ?**

୧୨ ଖଣ୍ଡ ରଂଗୀନ କାଗଜର ଦାମ୍ = ୧୯୨ ଟଙ୍କା

ଖଣ୍ଡିଏ ରଂଗୀନ କାଗଜର ଦାମ = ୧୯୨ ଟଙ୍କା ÷ ୧୨ = ______ ଟଙ୍କା

୪ ଖଣ୍ଡ ରଂଗୀନ କାଗଜର ଦାମ୍ = ______ ଟଙ୍କା × ୪ = ______ ଟଙ୍କା

∴ ୪ ଖଣ୍ଡ ରଂଗୀନ କାଗଜର ଦାମ୍ ______ ଟଙ୍କା ।

- ବାଉଁଶ କାଠି, ଅଠା, ନଟେଇ ଓ ସୂତା ପାଇଁ କେତେ ଟଙ୍କା ଦେବାକୁ ପଡ଼ିବ ? ତୁମେ ଐକିକ ଧାରା ବ୍ୟବହାର କରି ହିସାବ କର ।
- ବର୍ଷା ଓ ଇଶା ଦୋକାନୀକୁ ୫୦୦ ଟଙ୍କିଆ ନୋଟ୍‌ଟିଏ ଦେଲେ, ଦୋକାନୀ ସେମାନଙ୍କୁ କେତେ ଟଙ୍କା ଫେରାଇବ ?

**ଏକକ ଶବ୍ଦରୁ ଐକିକ ଶବ୍ଦର ସୃଷ୍ଟି । ସମାନ ପ୍ରକାର ଅନେକଗୁଡ଼ିଏ ଜିନିଷର ମୂଲ୍ୟରୁ ପ୍ରଥମେ ଗୋଟିଏ ଜିନିଷର ମୂଲ୍ୟ ବାହାର କଲାପରେ ଆବଶ୍ୟକ ସଂଖ୍ୟକ ଜିନିଷର ମୂଲ୍ୟ ବାହାର କରିବା ପ୍ରଣାଳୀକୁ 'ଐକିକ ଧାରା' କୁହାଯାଏ ।**

# ଅଭ୍ୟାସ

୧. (କ) ୫ଟି ଫୁଟବଲର ଦାମ୍ ୫୬୦ ଟଙ୍କା ହେଲେ, ୧ ଗୋଟି ଫୁଟବଲ୍‌ର ଦାମ୍ କେତେ ?

(ଖ) ୧୨୫ଟି ବହି ସମାନ ଭାବେ ୫ଟି ଥାକରେ ଅଛି, ପ୍ରତି ଥାକରେ କେତୋଟି ଲେଖାଏଁ ବହି ଅଛି ?

(ଗ) ବସ୍‌ଟିଏ ୧ ଘଣ୍ଟାରେ ୬୦ କି.ମି. ଯାଏ, ତେବେ ୧୫ ମିନିଟ୍‌ରେ ତାହା କେତେ କିଲୋମିଟର ରାସ୍ତା ଯାଏ ?

(ଘ) ୨୪ଟି ପେନ୍‌ସିଲ୍‌ର ଦାମ୍ ୭୨ ଟଙ୍କା, ତେବେ ଗୋଟିଏ ପେନ୍‌ସିଲ୍‌ର ଦାମ୍ କେତେ ଓ ୮ଟି ପେନ୍‌ସିଲ୍‌ର ଦାମ କେତେ ?

(ଙ) ୮ କ୍ୱିଣ୍ଟାଲ ଧାନର ଦାମ ୮୮୦୦ ଟଙ୍କା ହେଲେ, ୧ କ୍ୱିଣ୍ଟାଲ ଧାନର ଦାମ କେତେ ଓ ୫ କ୍ୱିଣ୍ଟାଲ ଧାନର ଦାମ୍ କେତେ ?

୨. 'କ' ସ୍ତମ୍ଭରେ ଦିଆଯାଇଥିବା ବସ୍ତୁମାନଙ୍କର ଦର ଦେଖି 'ଖ' ସ୍ତମ୍ଭ ପୂରଣ କର । ଉତ୍ତର ପାଇବା ପାଇଁ ଆବଶ୍ୟକ ହିସାବ ନିଜ ଖାତାରେ କର ।

| 'କ' ସ୍ତମ୍ଭ |
|---|
| ୪ ଟି ସାବୁନର ଦାମ୍ ୬୦ ଟଙ୍କା |
| ୩ଟି କଣ୍ଢେଇର ଦାମ୍ ୩୩ ଟଙ୍କା |
| ୭ଟି ବଲ୍‌ର ଦାମ୍ ୮୪ ଟଙ୍କା |
| ୮ ଟି ବହିର ଦାମ୍ ୬୪ ଟଙ୍କା |

| 'ଖ' ସ୍ତମ୍ଭ |
|---|
| ୬ଟି ସାବୁନର ଦାମ୍ ______ ଟଙ୍କା |
| ୮ଟି କଣ୍ଢେଇର ଦାମ୍______ ଟଙ୍କା |
| ୧୨ଟି ବଲ୍‌ର ଦାମ୍______ ଟଙ୍କା |
| ୨୫ ଟି ବହିର ଦାମ୍______ ଟଙ୍କା |

୩. (କ) ଜଣେ ଦରଜୀ ୮ ଦିନରେ ୧୨୦୦ ଟଙ୍କା ରୋଜଗାର କରନ୍ତି । ସେ ଜୁନ୍ ମାସରେ କେତେ ଟଙ୍କା ରୋଜଗାର କରନ୍ତି ?

(ଖ) ଏକ ଡଜନ କଦଳୀର ଦାମ୍ ୧୮ ଟଙ୍କା ହେଲେ, ଗୋଟିଏ କଦଳୀର ଦାମ୍ କେତେ ?

(ଗ) ୪୫ କି.ଗ୍ରା. ଆଳୁର ମୂଲ୍ୟ ୫୪୦ ଟଙ୍କା ହେଲେ ୨୦ କି.ଗ୍ରା. ଆଳୁର ମୂଲ୍ୟ କେତେ ?

(ଘ) ୨୦ କି.ଗ୍ରା. ଚାଉଳର ଦାମ୍ ୩୪୦ ଟଙ୍କା ହେଲେ, ୧ କ୍ୱିଣ୍ଟାଲ ଚାଉଳର ଦାମ୍ କେତେ ?

୪. ୬ ଜଣ ଶ୍ରମିକ ଦିନକୁ ୭୨୦ ଟଙ୍କା ମଜୁରି ନିଅନ୍ତି, ତେବେ –

(କ) ୧୦ ଜଣ ଶ୍ରମିକ ଦିନକୁ କେତେ ଟଙ୍କା ମଜୁରି ନେବେ ?

(ଖ) ୧୫ ଜଣ ଶ୍ରମିକ ୫ ଦିନରେ କେତେ ଟଙ୍କା ମଜୁରି ନେବେ ?

୫. ଜଣେ ସାଇକେଲ ଆରୋହୀ ୯୦ କି.ମି. ରାସ୍ତା ଯିବାକୁ ୬ ଘଣ୍ଟା ସମୟ ନିଅନ୍ତି । ୯ ଘଣ୍ଟାରେ ସେ କେତେ କିଲୋମିଟର ବାଟ ଯିବେ ?

